# ହେ ନିଦାଘ

ହେ ନିଦାଘ ! ଅମୃତର ପରମ ସୃଜନ
ଲାବଣ୍ୟ ପ୍ରକାଶ ଦାତା ଦିବ୍ୟ ସ୍ରଷ୍ଟା ବର୍ଷା ଅମ୍ବୁଦର
ଯେବେ ତୁମେ ଧରାବକ୍ଷୁ ନେବହେ ବିଦାୟ
ସ୍ୱେଦ କ୍ଲିଷ୍ଟ ଅପଘନ ଲଭିବ ଶୀତଳ
ସନ୍ତାପିତ ପୃଥୀ ହେବ ଆନନ୍ଦ ମଗନ
ସଞ୍ଚରିବ ବାରିଧାରା ପ୍ରକୃତିର ଅମୃତ ଉଟଜେ

ହେ ନିଦାଘ ! ପାନ୍ଥ ପଦେ ଦିଅ କ୍ଲେଶଭାର
ପଥବ୍ରଜେ ପରିଜନ ପ୍ରଖରେ ଧାବିତ
ଘର୍ମଭାର ପୋଛଇ ବଦନୁ
ହୃଷ୍ଟମନା କୃଷକ ପ୍ରାନ୍ତରେ
ଉତ୍କର୍ଷଣ ପାଇଁ ଗମେ ହଳର ସନ୍ଧାନେ
ବଦନ ମଣ୍ଡଳ ସ୍ୱେଦେ ରହଇ ଅମ୍ଳାନ
କର୍ଣ୍ଣ ଉତ୍କୀର୍ଣ୍ଣିତ ବଜ୍ର ନିନାଦ ଶ୍ରବଣେ

ହେ ନିଦାଘ ! ବୃକ୍ଷେ ଦିଅ ଉଷ୍ମଶ୍ରୀ ମରୁତ
ପାଚନ ପାତନ ନବ ଜୀବନ ସନ୍ଧାନେ
ରସାତଳେ ମୂଳ ନିମ୍ନଗାମୀ
ଶିକ୍ଷାଲଭେ ବଂଚିବାର ଚରମ ପାଥେୟ

ଯେତେ ଯେତେ ଲତା, ଗୁଳ୍ମ, କୀଟ ବା ପତଙ୍ଗ
ଅଲୋଡା ଏ ବିଶ୍ୱଜନ ହିତେ
ଲଭନ୍ତି ସମାଧି ସର୍ବେ ନିଦାଘ ତାଡନେ
ଦୀର୍ଘ ଶ୍ୱାସ ମୁଁଚଇ ମେଦିନୀ

ହେ ନିଦାଘ ! ଅନନ୍ତ ସୃଜନୀ ଏଇ ସୁନୀଳ ଅମ୍ବର
ପ୍ରଶାନ୍ତ ମରୁତ ସ୍ନିଗଧ ଛାୟା ତରୁତଳ
ସନ୍ଦିତ ପଥିକ ପ୍ରାଣ ଶୀତଳ ସନ୍ଧାନେ
ଆଶ୍ରାନେଇ ତରୁତଳେ ଅବସାଦ ମଣେ
ତୁମବିନା ନିରର୍ଥକ ଲାଗଇ ସୃଜନ
ତୁମବିନା ବାରିଦର ଅମୃତ ପ୍ଲାବନ
ତୁମବିନା ସବୁ ଅସମ୍ଭବ, ଯାହା ପୁଣି ବିଧିର ବିଧାନ

ହେ ନଦାଘ ! ତୁମ ଆଗମନ କବି ବାଞ୍ଛଇ ନୀୟତ
ସୁନ୍ଦର ସର୍ଜିତ ସୃଷ୍ଟି ଅନନ୍ତ ଆକର
ସ୍ରଷ୍ଟା ଯେ ଏ ସୃଜନୀର ପରମ ଆଧାର
ସୃଷ୍ଟି ତାଙ୍କ ବୈଭବୀୟ ଲାବଣ୍ୟ ପସରା
ତୁମେ ଏ ସୃଷ୍ଟିର ସତେ ପରମ ଆରାଧ୍ୟ
ସୃଷ୍ଟି ଇଛେ ଚିରନ୍ତନ ତୁମ ଆଗମନ
ଚିର ଭାସ୍ୱର ଏ ବିଶ୍ୱେ ନଶ୍ୱର ଆହ୍ୱାନ
ଲଭୁ ଶାନ୍ତି ଐଶୀଦତ୍ତ ଅମୃତ ପ୍ଲାବନେ
ଯେବେ ତୁମେ ଧରାବକ୍ଷୁ ନେବ ହେ ବିଦାୟ ❑ ❑।❑